# ଅନୁଗୋଳରେ 'ଭାରତ ବନ୍ଦ' ସଫଳ



ଅନୁଗୋଳ



କିଶୋରନଗର


କଣିହାଁ



ତାଳଚେର

ଅନୁଗୋଳ,୧୨ ।୨(ସମିସ):

ଶ୍ରମିକ ଶ୍ରେଣୀର କଷ୍ଟାର୍ଜିତ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି କେନ୍ଦ୍ର ସରକାର ପ୍ରଣୟନ କରିଥିବା ଶ୍ରମିକ ବିରୋଧୀ ତଥା କର୍ପୋରେଟ୍ ସପକ୍ଷବାଦୀ ୪ଟି ଶ୍ରମକୋଡ୍‌କୁ ବାତିଲ କରିବା, ଶ୍ରମିକ-କର୍ମଚାରୀ ବିରୋଧୀ ଶ୍ରମଶକ୍ତି ନୀତି-୨୦୨୫କୁ ବାତିଲ କରିବା, ପ୍ରସ୍ତାବିତ ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୫କୁ ପ୍ରତ୍ୟାହାର, ଖୁଚୁରା ବ୍ୟବସାୟ, ବୀମା ଓ ଆର୍ଥିକ କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ) ବନ୍ଦ କରିବା, ସର୍ବନିମ୍ନ ମଜୁରି ମାସିକ ୨୬୦୦୦ ଟଙ୍କା ଓ ସର୍ବନିମ୍ନ ମାସିକ ପେନସନ୍ ୯୦୦୦ ଟଙ୍କା କରିବା, ପିଏଫ୍, ଇଏସ୍‌ଆଇସି ଓ ବୋନସ୍ କ୍ଷେତ୍ରରେ ସିଲିଂ (ମଜୁରିର ସର୍ବୋଚ୍ଚ ସୀମା) ଉଚ୍ଛେଦ, ଏନ୍‌ପିଏସ୍/ୟୁପିଏସ୍ ବାତିଲ୍ କରି ପୁରୁଣା ପେନସନ୍ ସ୍କିମ୍ (ଓପିଏସ୍) ପୁନଃ ପ୍ରଚଳନ, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ସିପି)ର ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ସମେତ ୨୧ଦଫା ଦାବିରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ଗୁଡ଼ିକର ମିଳିତ ମଞ୍ଚ ପକ୍ଷରୁ ଗୁରୁବାର ସାରା ଭାରତରେ ସାଧାରଣ ଧର୍ମଘଟ (ବନ୍ଦ) ପାଳନ କରାଯାଇଛି । ଅନୁଗୋଳରେ ଏହି ବନ୍ଦକୁ ଅଭୂତପୂର୍ବ ସଫଳତା ମିଳିଛି । ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦକୁ ସମର୍ଥନ କରିଥିବା ଲକ୍ଷ୍ୟ କରାଯାଇଛି । ଖଣି, କାରଖାନା, ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ବେସରକାରୀ ଅଫିସ୍, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା । ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ବିଭିନ୍ନ ସରକାରୀ ଅଫିସ ସମ୍ମୁଖରେ ପିକେଟିଂ କରିଥିଲେ । ଫଳରେ ସବୁ ବନ୍ଦ ଥିବା ଦେଖାଯାଇଥିଲା । ବନ୍ଦକୁ ଜିଲ୍ଲାବାସୀ ବ୍ୟାପକ ସମର୍ଥନ କରିଥିବାରୁ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ବନ୍ଦରେ ଆଇଏନ୍‌ଟିୟୁସି ପକ୍ଷରୁ ଜିଲ୍ଲା ସଭାପତି ଦିଗମ୍ବର ଗଡ଼ନାୟକ, ବିମ୍ବାଧର ବେହେରା, ସିଆଇଟିୟୁ ରାଜ୍ୟ ଉପସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଡ. ଉପେନ୍ଦ୍ର କୁମାର ଶର୍ମା, ସୀତାରାମ ପ୍ରଧାନ, ବସନ୍ତ ପଟ୍ଟନାୟକ, ପ୍ରଶାନ୍ତ କିଶୋର ବରାଳ, ବଳରାମ ବେହେରା, ସାଗର କୁମାର ଦାସ, ବିଶ୍ୱନାଥ ସାହୁ, ଏଚ୍‌ଏମ୍‌ଏସ୍ ଜିଲ୍ଲା ସଭାପତି ତ୍ରିଲୋଚନ ପ୍ରଧାନ, ପବିତ୍ର କୁମାର ବିଶ୍ୱାଳ, ଏଆଇୟୁଟିୟୁସି ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ବିଜୟ ପ୍ରଧାନ, ଓଡ଼ିଶା ମିଳିତ ପାଚିକା ସହାୟିକା ସଂଘ ଜିଲ୍ଲା ସମ୍ପାଦିକା ବୁଲି ବାରିକ, ଭାମା ବାରିକ, ଚଞ୍ଚଳା ବେହେରା, ସୁବର୍ଣ୍ଣ ଭଞ୍ଜ, ଅଲ୍ ଓଡ଼ିଶା ଭାରତୀ ଇନ୍‌ଫ୍ରା କଣ୍ଟ୍ରାକ୍ଟୁଆଲ୍ ୟୁନିୟନ୍ ସଭାପତି ସୁଧାଂଶୁ ଭୂଷଣ ସାମଲ, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ଖଡ଼ିରତ୍ନ, ଅଶ୍ୱିନୀ କୁମାର ପ୍ରଧାନ, ଏଆଇସିସିଟିୟୁ ଜିଲ୍ଲା ସଂଗଠକ ତପନ କୁମାର ମହାନ୍ତି, ଏଆଇକେକେଏମ୍‌ଏସ୍ ଜିଲ୍ଲା ସଭାପତି ସୁବାସ ପ୍ରଧାନ, ଉପସଭାପତି ନବକିଶୋର ପ୍ରଧାନ, ସଞ୍ଜୟ ସାହୁ, ଅନୁଗୋଳ ବାର୍ ଆସୋସିଏସନର ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ, ଏଆଇଡିୱାଇଓ ରାଜ୍ୟ ସଭାପତି ମାନସ ପାଳ, ଜିଲ୍ଲା ସଭାପତି ନିରଞ୍ଜନ ନାୟକ, ଜ୍ୟୋତ୍ସ୍ନା ସାମଲ, ମଳୟ ବେହେରା, ବିଷ୍ଣୁ ସାହୁ, ଏଆଇଡିଏସ୍‌ଓ ଜିଲ୍ଲା ସମ୍ପାଦକ ନାରାୟଣ ନାୟକ, ସରୋଜିନୀ ବେହେରା ପ୍ରମୁଖ ସାମିଲ ଥିଲେ ।

**କିଶୋରନଗର:** କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ଡାକରାରେ ଗୁରୁବାର ଅନୁଷ୍ଠିତ ଭାରତ ବନ୍ଦ କିଶୋରନଗରରେ ସଫଳ ହୋଇଛି । ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ସ୍ଥାନୀୟ କଲେଜ ଛକରୁ ଶୋଭାଯାତ୍ରାରେ ବାହାରି ବ୍ୟାଙ୍କ୍, ବ୍ଲକ, ତହସିଲ ଅଫିସ ସମ୍ମୁଖରେ ପିକେଟିଂ କରି ସେଗୁଡ଼ିକୁ ବନ୍ଦ କରିଥିଲେ । ପରେ ବ୍ଲକ ଅଫିସ ସମ୍ମୁଖରେ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଚାଷୀନେତା ରମଣୀ ରଞ୍ଜନ ପ୍ରଧାନ, ଲକ୍ଷ୍ମଣ ବେହେରା, ଚିତ୍ତରଞ୍ଜନ ମେଣ୍ଡୁଲି ପ୍ରମୁଖ ବକ୍ତବ୍ୟ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଡବଲ ଇଞ୍ଜିନ ସରକାରରେ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାଙ୍କ ସହ ଶ୍ରମିକ, କୃଷକ ସାଧାରଣ ଲୋକେ ଡବଲ ଶୋଷଣର ଶିକାର ହେଉଛନ୍ତି ବୋଲି ପ୍ରକାଶ କରିଥିଲେ । କେନ୍ଦ୍ର ସରକାର ଲାଗୁ କରିଥିବା ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ, ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ଶ୍ରମ ସମୟ ୧୨ ଘଣ୍ଟାକୁ ବୃଦ୍ଧି ନିଷ୍ପତ୍ତି ବାତିଲ, ବିଦ୍ୟୁତ୍ ସଂଶୋଧନ ବିଲ୍ ୨୦୨୫ ବାତିଲ, ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ, ସମସ୍ତ କୃଷିଜାତ ଦ୍ରବ୍ୟ ପାଇଁ ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦେବାକୁ ଦାବି କରିଥିଲେ । ଏଥିରେ ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ କିଶୋରନଗର ବ୍ଲକ ଶାଖାର ଶକୁନ୍ତଳା ସାହୁ, ମିନତି ସାହୁ, ମିଲି ସାହୁ, ସଚ୍ଚିଦାନନ୍ଦ ସାହୁଙ୍କ ସମେତ ଶତାଧିକ ପାଚିକା ସହାୟିକା ଅଂଶଗ୍ରହଣ କରିଥିଲେ ।

**କଣିହାଁ:** କଣିହାଁରେ ଭାରତ ବନ୍ଦ ସଫଳ ହୋଇଛି । ଏନଟିପିସି ଶ୍ରମିକ ସଂଘ ସାଧାରଣ ସମ୍ପାଦକ ସତ୍ୟାନନ୍ଦ ସାହୁ, କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ ପ୍ରଧାନ, ସଞ୍ଜୟ କୁମାର ସାହୁ, ଏନଟିପିସି ଏମ୍ପ୍ଲୋଇଜ ୟୁନିୟନ ସାଧାରଣ ସମ୍ପାଦକ ସୁଶୀଳ ବେହେରା, ଶିବରାମ ଦାସ, ବିମଳ କୁମାର ପ୍ରଧାନ, ଦୁଃଖବନ୍ଧୁ ନାଏକ, ବିଜୟ ନାଏକ, ଏଚ୍‌ଏମ୍‌ଏସ୍ ନେତା ପ୍ରସନ୍ନ କୁମାର ପାଣି, ଏଆଇୟୁଟିୟୁସି ଜିଲ୍ଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ୟୁନାଇଟେଡ ଏମ୍ପ୍ଲୋଇଜ ୟୁନିୟନ ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ, ଦୁଃଖିଶ୍ୟାମ ମଲ୍ଲିକ, ପ୍ରଦୀପ କୁମାର ପ୍ରଧାନ, ଟୁନା ନାଏକ, ପ୍ରତାପ ଚନ୍ଦ୍ର ପ୍ରଧାନ, ଗନ୍ଧର୍ବ ନାଏକ, ସୁନିଆ ନାଏକ, ନୀଳାମ୍ବର ତିରିଆ, ନରେଶ ପ୍ରଧାନ, ଗୋବିନ୍ଦ ଭୁତିଆ, ମିଥୁନ ଗୋଛାୟତ, ବାବୁଲା ବେହେରା, ଦୁଶାସନ ବେହେରା, ବସନ୍ତ ପ୍ରଧାନ, ବୀରେନ୍ଦ୍ର ନାଏକ ପ୍ରମୁଖଙ୍କ ନେତୃତ୍ୱରେ ଏନଟିପିସି କଣିହାଁ ମୁଖ୍ୟ ଫାଟକ ସମ୍ମୁଖ ବାଇପାସ ଛକରେ ସକାଳ ୬ରୁ ବନ୍ଦ ପାଳନ କରାଯାଇଥିଲା । ଏଥିରେ ଏନଟିପିସି କଣିହାଁର ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକମାନେ ସାମିଲ ହୋଇଥିଲେ । ଫଳରେ ଏନଟିପିସି କାରଖାନାକୁ ଭାରୀଯାନ ଚଳାଚଳ ବନ୍ଦ ଥିବାବେଳେ ଶ୍ରମିକ କର୍ମଚାରୀମାନେ କାରଖାନା ଭିତରକୁ ଯିବା ବାଧାପ୍ରାପ୍ତ ହୋଇଥିଲା । ଧର୍ମଘଟକୁ କୃଷକ ସଂଗଠନ, ଏନଟିପିସି ବଣିକ ସଂଘ, ପିଟିଏସ, ସାପ୍ତାହିକ ମାର୍କେଟ, ଛାତ୍ର, ଯୁବକ, ମହିଳା ସମର୍ଥନ କରିଥିବାରୁ ଏଆଇୟୁଟିୟୁସି ଜିଲ୍ଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ ଓ ଆଇଏନଟିୟୁସି ନେତା ସତ୍ୟାନନ୍ଦ ସାହୁ ଧନ୍ୟବାଦ ଦେଇଛନ୍ତି । କଣିହାଁ ଓସିପିରେ ଏଚ୍‌ଏମ୍‌ଏସ୍ ସଭାପତି ଦୁଷ୍ମନ୍ତ ପ୍ରଧାନ, ସମ୍ପାଦକ ଜ୍ଞାନେନ୍ଦ୍ର ପ୍ରଧାନ, ଆଇଏନୟୁଟିୟୁସିର ରଣଜିତ ସାମଲ, ମହେନ୍ଦ୍ର ପ୍ରଧାନ, ଦିଲକ ସାହୁ ପ୍ରମୁଖଙ୍କ ନେତୃତ୍ୱରେ କୋଇଲା ପରିବହନ, ଖନନ, ଉତ୍ତୋଳନ ଠପ ହୋଇଯାଇଥିଲା । ମହାପ୍ରବନ୍ଧକ ଓ ପ୍ରକଳ୍ପ କାର୍ଯ୍ୟାଳୟରେ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା । ଏଥିରେ ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତା ସମୂହ ସାମିଲ ହୋଇ ସମର୍ଥନ ଦେଇଥିଲେ । ସେହିପରି କଣିହାଁ ବଜାର, ଏନଟିପିସି ବଜାର, ସହ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା ।

**ତାଳଚେର:** ତାଳଚେରରେ ବନ୍ଦ ପାଳନ ସଫଳ ହୋଇଛି । ଗାଡ଼ିମଟର, ଦୋକାନ ବଜାର, ବ୍ୟାଙ୍କ, ବେସରକାରୀ କାର୍ଯ୍ୟାଳୟ, କୋଇଲା ଖଣି, ଏନଟିପିସି ସମେତ ଟ୍ରେନ ଚଳାଚଳ ବନ୍ଦ ରହିଥିଲା । ତାଳଚେର ବସଷ୍ଟାଣ୍ଡକୁ କୌଣସି ବସ୍ ଆସି ନ ଥିବା ବେଳେ ଯାତ୍ରୀମାନେ ହଇରାଣ ହୋଇଥିଲେ । ତାଳଚେର କୋଇଲା ଖଣି ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ହିଙ୍ଗୁଳା ଜିଏମ ଅଫିସ୍‌ଠାରୁ ଲିଙ୍ଗରାଜ ଜିଏମ ଅଫିସ୍ ପର୍ଯ୍ୟନ୍ତ ବାଇକ ଶୋଭାଯାତ୍ରା କରାଯାଇଥିଲା । ପୂର୍ବାହ୍ନ ସାଢ଼େ ୧୦ଟାରେ ଶୋଭାଯାତ୍ରା ବାହାରି ଭରତପୁର, ସିଡବ୍ଲ୍ୟୁଏସ୍ ତାଳଚେର, ଜଗନ୍ନାଥ ଅଞ୍ଚଳ, ତାଳଚେର ଅଞ୍ଚଳ, ଭୁବନେଶ୍ୱରୀ ଅଞ୍ଚଳ ଇତ୍ୟାଦି ଦେଇ ସାଢ଼େ ୧୨ଟାରେ ଲିଙ୍ଗରାଜ ଜିଏମ ଅଫିସ୍‌ରେ ପହଞ୍ଚିବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସମସ୍ତ କୋଇଲା ଖଣି ବନ୍ଦ ଥିବା ବେଳେ ପରିବହନ ଓ ଉତ୍ତୋଳନ ଠପ୍ ହୋଇଯାଇଥିଲା ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାଲଲହଡ଼ା,୧୨ ।୨(ସମିସ): ପାଲଲହଡ଼ା ଥାନା ବତିସୁଆଁ ପଞ୍ଚାୟତ ହାତୀମୁଣ୍ଡ ଗ୍ରାମର ଶୁକ୍ରମୁନି ପୂର୍ତ୍ତିଙ୍କ ଝୁଲନ୍ତା ମୃତଦେହ ଗାଁ ନିକଟ ମହୁଲ ଗଛରୁ ଉଦ୍ଧାର କରାଯାଇଛି । ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି । ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି । ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନା ପଠାଯାଇଛି । ପରିବାର ଲୋକଙ୍କ କହିବା ଅନୁଯାୟୀ, ଶୁକ୍ରମୁନି ମାଗେ ପରବରେ ତାଙ୍କ ପାଇଁ ନୂଆ ଡ୍ରେସ୍ କିଣି ଦେବାକୁ ବାପା ଓ ଭାଇଙ୍କୁ କହିଥିଲେ । ତେବେ ନୂଆ ଡ୍ରେସ୍ ନ ମିଳିବାରୁ ଗୁରୁବାର ସକାଳେ ସେ ଗାଁ ନିକଟ ମହୁଲ ଗଛ ଡାଳରେ ନିଜ ଓଢ଼ଣୀ ସାହାଯ୍ୟରେ ଝୁଲିପଡ଼ି ଆତ୍ମହତ୍ୟା କରିଛନ୍ତି ।

## ଆଖଣ୍ଡଳମଣି ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା

ଅନୁଗୋଳ,୧୨ ।୨(ସମିସ): ଅନୁଗୋଳ ସହର ରାଜ ହୋଟେଲ ଛକରେ ଥିବା ଆଖଣ୍ଡଳମଣି ମନ୍ଦିରରେ ବୁଧବାର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ନାମ ସଂକୀର୍ତ୍ତନ ଏବଂ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଆଗାମୀ ଶିବରାତ୍ରିକୁ ଧୁମଧାମରେ ପାଳନ କରିବାକୁ ମନ୍ଦିର କମିଟି ତରଫରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ମୁଖ୍ୟ କାର୍ଯ୍ୟକାରୀ ସଦସ୍ୟ ବିମଳ ବେହେରା, ସୁଜିତ କୁମାର ସାହୁ, ସମର ବଲ୍ଲଭ ବିଶ୍ୱାଳ, ବସନ୍ତ ମାଝୀ, ପୂଜକ ଗଣେଶ୍ୱର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବର

ତାଳଚେର,୧୨ ।୨(ସମିସ): ତାଳଚେର କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବର ଅନୁଷ୍ଠିତ ହୋଇଛି । କଲେଜ ସଭାଗୃହରେ ୮ ଦିନ ଧରି ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ, ମୁଖ୍ୟବକ୍ତା ଭାବେ ରସାୟନ ବିଜ୍ଞାନ ବିଭାଗର ଡ. ସତ୍ୟନାରାୟଣ ଦାସ ଯୋଗଦେଇଥିଲେ । ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପିକା ଲୋପାମୁଦ୍ରା ଷଡ଼ଙ୍ଗୀ ସ୍ୱାଗତଭାଷଣ ଦେଇଥିବା ବେଳେ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଅଧ୍ୟାପିକା ବିନକା ଜେନା ଆତ୍ମରକ୍ଷା ଶିବିରର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ମାଷ୍ଟର ଟ୍ରେନର୍ ରୀମା କୁମାରୀ ଓ ଶୁଭଶ୍ରୀ ଭୂତିଆ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

## ସାପଘରାରେ ଗୋଣ୍ଡ ଭବନ ପ୍ରତିଷ୍ଠା ସମାରୋହ




କିଶୋରନଗର,୧୨ ।୨(ସମିସ): ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ଗୋଣ୍ଡୱାନା ଗୋଣ୍ଡ ମହାସଭା ଖମାର ପୁଞ୍ଜି ସୌଜନ୍ୟରେ ସାପଘରା ଖେଳ ପଡ଼ିଆ ନିକଟରେ ନିର୍ମାଣ ହୋଇଥିବା ଗୋଣ୍ଡ ଭବନ ଉଦ୍‌ଘାଟିତ ହୋଇଛି । ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଗୋଣ୍ଡୱାନା ବିକାଶ ଜିଲ୍ଲା ସଭାପତି ସଦାଶିବ ନାୟକ, କେନ୍ଦ୍ର କମିଟି ସଭାପତି ପ୍ରଶ୍ନକୁମାର ନାୟକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଦିଲେଶ୍ୱର ପ୍ରଧାନ, ସଂଗଠକ ପ୍ୟାରୀମୋହନ ନାୟକ, ଖମାର ପୁଞ୍ଜି ସଭାପତି ମାଗୁଣି ଚରଣ ନାୟକ ଯୋଗଦେଇଥିଲେ । ସମ୍ପାଦକ ବସନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରତ୍ୟେକ ପୁଞ୍ଜିର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପଦ ହରାଇଲେ ସରପଞ୍ଚ ଦାୟିତ୍ୱରେ ଥିବା ନାଏବ ସରପଞ୍ଚ

କିଶୋରନଗର,୧୨ ।୨(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ପଞ୍ଚାୟତରେ ନିକଟରେ ସରପଞ୍ଚ ସଞ୍ଜିତ୍ ସାହୁ ଅନାସ୍ଥାରେ ପରାଜିତ ହୋଇ ପଦ ହରାଇବା ପରେ ନାଏବ ସରପଞ୍ଚ ସସ୍ମିତା ପ୍ରଧାନଙ୍କୁ ନିୟମ ଆଧାରରେ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ସସ୍ମିତା ଧଉରାପାଲ୍ଲୀ ପଞ୍ଚାୟତ ୮ ନମ୍ବର ୱାର୍ଡର ସଭ୍ୟା ଭାବେ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିଲେ । ହେଲେ ତାଙ୍କର ୩ ସନ୍ତାନ ଥିବାନେଇ ନିର୍ବାଚନ ବେଳେ ଦର୍ଶାଇ ନ ଥିଲେ । ଫଳରେ ଧଉରାପାଲ୍ଲୀ ଗାଁର ଶାନ୍ତନୁ ବିଶ୍ୱାଳ ଆରଟିଆଇ ତଥ୍ୟ ଆଧାରରେ ସସ୍ମିତାଙ୍କ ୩ ସନ୍ତାନ (ଗୋଟିଏ ପୁଅ, ୨ ଝିଅ) ଥିବାନେଇ ତଥ୍ୟ ପ୍ରମାଣ ସହ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିଥିଲେ । ଫଳରେ ଜିଲ୍ଲାପାଳ ସସ୍ମିତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଛନ୍ତି ।

## ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ପାଳିତ



ଅନୁଗୋଳ

ଅନୁଗୋଳ,୧୨ ।୨(ସମିସ): ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବୁଧବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ତଥା ସମର୍ପଣ ଦିବସ ପାଳିତ ହୋଇଛି । ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଭାରୀ ଗୋଲୋକ ମହାପାତ୍ର ଯୋଗଦେଇ ପଣ୍ଡିତ ଉପାଧ୍ୟାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲ୍ଲା ଉପସଭାପତି ନୃସିଂହ ବରାଳ, ଜିଲ୍ଲା ସାଧାରଣ ସମ୍ପାଦକ ତଥା ସମର୍ପଣ ଦିବସ ପାଳନ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ସୁଦୀପ ଗଡ଼ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କୁମାର ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦିକା ବସନ୍ତ ମଞ୍ଜରୀ ପ୍ରଧାନ, ଜିଲ୍ଲା ସମ୍ପାଦକ ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ଯଶୋବନ୍ତ ପ୍ରସାଦ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ ।

**କଣିହାଁ:** କଣିହାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ତଥା ସମର୍ପଣ ଦିବସ ପାଳନ କରାଯାଇଛି । ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପଣ୍ଡିତ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମରେ କଣିହାଁ ମଣ୍ଡଳ ସଭାପତି ସୁଶାନ୍ତ ସାମଲ, ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ଆଇନଜୀବୀ ତ୍ରିପୁରାରୀ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବି ଉପସ୍ଥିତ ଥିଲେ ।

## ଯୁବ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

କଣିହାଁ,୧୨ ।୨(ସମିସ): ରେଙ୍ଗାଲି ମ୍ୟାକ୍ସ ପ୍ଲାନିଂ ଇଞ୍ଜିନିୟରିଂ କମ୍ପାନୀରେ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଅନୁଗୋଳ ଜିଲ୍ଲା କାଣ୍ଡସର ଗ୍ରାମର ଅଭିଜିତ ବିଶୋଇ (୩୨)ଙ୍କର ଗୁରୁବାର ଅପରାହ୍ନରେ ସନ୍ଦେହଜନକ ମୃତ୍ୟୁ ହୋଇଛି । ଅଭିଜିତ ରେଙ୍ଗାଳି ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ଭଡ଼ା ଘରେ ରହୁଥିଲେ । ଅପରାହ୍ନରେ ସହକର୍ମୀମାନେ କାର୍ଯ୍ୟରୁ ଫେରି ଅଭିଜିତଙ୍କୁ ଗୁରୁତର ଅବସ୍ଥାରେ ଘରେ ପଡ଼ିଥିବା ଦେଖି ତୁରନ୍ତ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରେଙ୍ଗାଳି ଥାନା ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି ।

● ରେଙ୍ଗାଳି କପ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

## ଡଅଁରାକୁ ୩ ରନ୍‌ରେ ହରାଇଲା ବଳାରାମପ୍ରସାଦ



କଣିହାଁ,୧୨ ।୨(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ହାଇସ୍କୁଲ ଖେଳ ପଡ଼ିଆରେ ପ୍ରୋଜେକ୍ଟ କ୍ରିକେଟ କ୍ଲବ ପକ୍ଷରୁ ଗୁରୁବାର ରେଙ୍ଗାଳି କପ ଉଦଘାଟିତ ହୋଇଛି । ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚ ଡଅଁରା ଓ ବଳରାମପ୍ରସାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ବଳରାମପ୍ରସାଦ ୩ ରନ୍‌ରେ ବିଜୟୀ ହୋଇଛି । ବଳରାମପ୍ରସାଦ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୩ ରନ କରିଥିବା ବେଳେ ଡଅଁରା ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୮୦ କରିବାକୁ ସକ୍ଷମ ହୋଇଥିଲା । ଅଜିତ ଗଡ଼ନାୟକ ଓ କୌଶିକ ଗଡ଼ନାୟକ ମ୍ୟାଚ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ଓଏଚପିସିର ବରିଷ୍ଠ ସାଧାରଣ ପରିଚାଳକ ସରୋଜ ବହିଦାର, ବିଜେପି ଜିଲ୍ଲା ଉପସଭାପତି ନୃସିଂହ ବରାଳ, ରେଙ୍ଗାଳି ଥାନା ଆଇଆଇସି ଶ୍ୟାମଲାଲ ଓରାମ, ଜିଏମ ସୁବ୍ରତ ଷଡ଼ଙ୍ଗୀ, ସମାଜସେବୀ ଧ୍ରୁବଚରଣ ଧୀର ପ୍ରମୁଖ ଯୋଗଦେଇଥିଲେ । ରେଙ୍ଗାଳି ପ୍ରୋଜେକ୍ଟ କ୍ରିକେଟ କ୍ଲବ ସଭାପତି ବୀରେଶ ଚନ୍ଦ୍ର ପତି, ସୁଧାକର ସାମଲଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଏହି ଅବସରରେ ରେଙ୍ଗାଳି ବନ ବିଭାଗ ପକ୍ଷରୁ ବିଧାୟକଙ୍କ ଦ୍ୱାରା ହାଇସ୍କୁଲ ପଡ଼ିଆରେ ଚାରାରୋପଣ କରାଯାଇଥିଲା ।

## ପାଲଲହଡ଼ା ଏନ୍‌ଏସି ୱାର୍ଡ ବିଭାଜନ ଏବଂ ସଂରକ୍ଷିତ ଆସନ ପାଇଁ ଚିଠା ବିଜ୍ଞପ୍ତି

ପାଲଲହଡ଼ା,୧୨ ।୨(ସମିସ):

ନୂତନ ପାଲଲହଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ୱାର୍ଡ ବିଭାଜନ ଏବଂ ସଂରକ୍ଷିତ ଆସନ ପାଇଁ ପାଇଁ ଗୁରୁବାର ଅନୁଗୋଳ ଜିଲ୍ଲାପାଳ ଚିଠା ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ବିଜ୍ଞପ୍ତି ପ୍ରକାଶନଠାରୁ ୧୦ଦିନ ମଧ୍ୟରେ ଲୋକେ ଅଭିଯୋଗ ବା ପ୍ରତିବାଦ ଦାଖଲ କରିପାରିବେ ବୋଲି କୁହାଯାଇଛି ।

ଏହି ଚିଠା ଅନୁସାରେ ଏନ୍‌ଏସି ପାଇଁ ୧୧ଟି ୱାର୍ଡ ସ୍ଥିର କରାଯାଇଛି । ବାଲିପଶି ପଞ୍ଚାୟତ ଯୋଗୀମୁଣ୍ଡା ଏବଂ କଣ୍ଡରାପାଲି ସମେତ ନିଜିଗଡ଼ ପଞ୍ଚାୟତ କାଇଁଶିରିପାଲି ଗାଁକୁ ମିଶାଇ ଏକ ନମ୍ବର ୱାର୍ଡ କରାଯାଇଛି । ଏହି ୱାର୍ଡ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି । ସେହିପରି ନିଜିଗଡ଼ ପଞ୍ଚାୟତ ସାମିଆପାଲି ଏବଂ ସୁବର୍ଣ୍ଣପାଲିକୁ ନେଇ ଦୁଇ ନମ୍ବର ୱାର୍ଡ ସାଧାରଣ ବର୍ଗ, ଈଶ୍ୱରନଗର ପଞ୍ଚାୟତ ଇଲିସୁଆଁ, ମୁକ୍ତାପୁର ଏବଂ ଉଦିତନଗରର କିଛି ଅଂଶକୁ ନେଇ ତିନି ନମ୍ବର ୱାର୍ଡ ଆଦିବାସୀ ମହିଳା, ନିଜିଗଡ଼ ପଞ୍ଚାୟତ ପାଟବେଡ଼ା ଏବଂ ଈଶ୍ୱରନଗର ପଞ୍ଚାୟତର ବଡ଼ଝାର କଲୋନୀ, କ୍ଷେତ୍ରବାସୀପୁରକୁ ନେଇ ୪ ନମ୍ବର ୱାର୍ଡ ଆଦିବାସୀ ବର୍ଗ ପାଇଁ ସଂରକ୍ଷିତ ରହିଛି । ୫ ନମ୍ବର ୱାର୍ଡରେ ବିଜୁ ପଟ୍ଟନାୟକ ପାର୍କଠାରୁ ଫରେଷ୍ଟ ଉଦ୍ୟାନ ଏବଂ ଉଦିତନଗରର କିଛି ଅଂଶ ମିଶିଥିବା ବେଳେ ଏହା ସାଧାରଣ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ୬ ନମ୍ବର ୱାର୍ଡରେ ସାମନ୍ତସାହି, ବଜାର ସାହି ଏବଂ ପୁରୁଣା ହାଟପଦା ସାହି ରହିଥିବା ବେଳେ ଏହା ମଧ୍ୟ ସାଧାରଣ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ୭ ନମ୍ବର ୱାର୍ଡରେ ଗୁଡ଼ିଆସାହି, ଗୌଡ଼ସାହି ଏବଂ ରାଜବାଟୀ ସାହି ରହିଛି । ଏହା ଅଣସଂରକ୍ଷିତ ରହିଛି । ୮ ନମ୍ବର ୱାର୍ଡରେ ମୁତୁରିଗାଡ଼ିଆ, ଦରେଇକେଲା ଓ ଶାସନ ସାହି ରହିଛି ତଥା ଏହା ସାଧାରଣ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ, ୯ ନମ୍ବର ୱାର୍ଡରେ ସ୍କୁଲ ସାହି, ଫାର୍ମ ସାହି, ଗୁଣ୍ଡିଚା ମନ୍ଦିର ପାଶ୍ୱର୍ ତଥାତଳ ସାହି ରହିଥିବା ବେଳେ ଏହା ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି । ୧୦ ନମ୍ବର ୱାର୍ଡରେ ଉଦୟପୁର ଓ କବୁଲି ରହିଛି ଏବଂ ଏହା ଅଣସଂରକ୍ଷିତ, ୧୧ ନମ୍ବର ୱାର୍ଡରେ ନିଜିଗଡ଼ର ନୂଆସିଡିଙ୍ଗ ଓ ଈଶ୍ୱରନଗରର ବାର୍ହାକୁଦର ଗାଁ ଥିବା ବେଳେ ଏହି ଆସନ ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି । ନିଜିଗଡ଼ ପଞ୍ଚାୟତ ନିର୍ବାଚନରେ ଆଧିପତ୍ୟ ବିସ୍ତାର କରିଥିବା ରାଜନୈତିକ ନେତାଙ୍କୁ ଏହା କେତେଦୂର ସୁହାଇବ ସେ ନେଇ ଚର୍ଚ୍ଚା ଚାଲିଛି । ଆଗାମୀ ଦିନରେ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରକାଶିତ ହେଲାପରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ନିର୍ବାଚନ ଉଷ୍ମତା ଆହୁରି ବୃଦ୍ଧି ପାଇବ ।

## ମଧ୍ୟାହ୍ନ ଭୋଜନ ପାଚିକାଙ୍କୁ ଶିକ୍ଷକଙ୍କ ଦୁର୍ବ୍ୟବହାର ଅଭିଯୋଗ



ଛେଣ୍ଡିପଦା,୧୨ ।୨(ସମିସ): ଛେଣ୍ଡିପଦା ବ୍ଲକ ତଥା ଜରପଡ଼ା ଥାନା ତୁକୁଡ଼ା ଗୋଦରାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତ ମଧ୍ୟାହ୍ନଭୋଜନ ପାଚିକାଙ୍କୁ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ପାଚିକା ନିୟମିତ ମଧ୍ୟାହ୍ନଭୋଜନ ରୋଷେଇ କରି ଆସୁଥିଲେ । ମାତ୍ର ତାଙ୍କୁ ବିଦ୍ୟାଳୟ ପରିସରରେ ଥିବା ଫୁଲ ବଗିଚାରେ ପାଣି ଦେବାକୁ ପ୍ରଧାନ ଶିକ୍ଷୟିତ୍ରୀ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ପାଚିକା ଅସୁସ୍ଥ ଥିବାରୁ କାମ କରିବାକୁ ମନା କରିଥିଲେ । ଏନେଇ ବିଦ୍ୟାଳୟର ସହକାରୀ ଶିକ୍ଷକ ପାଚିକାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ପାଚିକା ଅଭିଯୋଗ କରିଛନ୍ତି । ଏହି ଘଟଣା ସମ୍ପର୍କରେ ପାଚିକା ସ୍ଥାନୀୟ ଗ୍ରାମବାସୀ ତଥା ଅଭିଭାବକଙ୍କୁ ଜଣାଇଥିଲେ । ଅଭିଭାବିକ ପିଲାମାନଙ୍କୁ ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଛାଡ଼ି ନ ଥିଲେ । ଶିକ୍ଷୟିତ୍ରୀ ଗାଁକୁ ଯାଇ ଛାତ୍ରୀଛାତ୍ରଙ୍କୁ ଡାକିବା ପରେ କିଛି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଥିଲେ । ଏ ନେଇ ପ୍ରଧାନଶିକ୍ଷୟିତ୍ରୀ ସମ୍ପୃକ୍ତ ପାଚିକାଙ୍କୁ ଦୁର୍ବ୍ୟବହାର କରାଯାଇ ନାହିଁ ବୋଲି କହିଛନ୍ତି । ପରିଚାଳନା କମିଟି ମାଧ୍ୟମରେ ଏହି ସମସ୍ୟା ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି । ଅପାରପକ୍ଷେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷକଙ୍କୁ ଯଥାଶୀଘ୍ର ଅନ୍ୟତ୍ର ବଦଳି କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

